بسم اللّٰہ الرحمٰن الرحیم

ଖୁତବା ଜୁମା ୧୯ ଏପ୍ରିଲ୍ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବୀ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ବିଶ୍ୱାସବର୍ଦ୍ଧକ, ପ୍ରଶଂସନୀୟ ଗୁଣାବଳୀର ହୃଦୟଦ୍ରାବୀ ଓ ମନୁଷ୍ପକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ମୁଁ ଯେଉଁ ବଦରୀ ସାହାବୀଙ୍କ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ । ସେ ବନୁ ଜମହ୍ ସଂପ୍ରଦାୟଭୁକ୍ତ ଥିଲେ । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଆଁହଜ଼ରତ୍ ସ.ଅଙ୍କ ନବୁଓତର ଘୋଷଣା କରିବା ପରେ ପ୍ରାରମ୍ଭିକ କାଳ ସଂପର୍କରେ ନିଜସ୍ୱ ମତ ବ୍ୟକ୍ତ କରି କହନ୍ତି ଯେ, ଆଁହଜ଼ରତ୍ ସ.ଅଙ୍କ ନବୁଓତର ପ୍ରାରମ୍ଭିକ ଯୁଗରେ ତଲହା, ଜୁବୈର୍, ଉମର୍, ହମଜ଼ାହ୍ ଏବଂ ଉସମାନ୍ ବିନ୍ ମଜ଼ଉନ୍ ର.ଅ ପରି ସାହାବାମାନେ ଆଁହଜ଼ରତ୍ ସ.ଅଙ୍କୁ ମିଳି ଯାଇଥିଲେ । ତନ୍ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ହୁଜୁର୍ ସ.ଅଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ଥିଲେ । ପ୍ରତ୍ୟେକ ବ୍ୟକ୍ତି ହୁଜୁର୍ ସ.ଅଙ୍କର ସ୍ୱେଦ ପରିବର୍ତ୍ତେ ନିଜର ରକ୍ତ ବୁହାଇବା ପାଇଁ ପ୍ରସ୍ତୁତ ଥିଲା । ସୁତରାଂ ନିଃସନ୍ଦେହରେ ଏହା କୁହାଯାଇପାରେ ଯେ, ସେହି ସାହାବାମାନେ ଦୀର୍ଘ ୧୩ ବର୍ଷ କାଳ ପର୍ଯ୍ୟନ୍ତ ବିପତ୍ତିର ସମ୍ମୁଖୀନ ହୋଇଥିଲେ ଏବଂ ସେମାନଙ୍କୁ ଦୁଃଖ କଷ୍ଟ ଏବଂ ନିର୍ଯାତନା ମଧ୍ୟ ସହ୍ୟ କରିବାକୁ ପଡ଼ିଥିଲା। କିନ୍ତୁ ହୁଜୁର୍ ସ.ଅ ମଧ୍ୟ ସନ୍ତୁଷ୍ଟ ଥିଲେ ଯେ, ମକ୍କା ବାସୀଙ୍କ ମଧ୍ୟରୁ ବୁଦ୍ଧିମାନ ବ୍ୟକ୍ତି, ଉଚ୍ଚ ପଦରେ ଅଧିଷ୍ଠିତ ହୋଇଥିବା ବ୍ୟକ୍ତିମାନେ, ସଂଯମୀ ବ୍ୟକ୍ତିମାନେ, ପବିତ୍ର ବ୍ୟକ୍ତିମାନେ ହୁଜୁର୍ ସ.ଅଙ୍କୁ ସ୍ୱୀକାର କରି ନେଇଛନ୍ତି ଏବଂ ବର୍ତ୍ତମାନ ମୁସଲମାନମାନେ ଶକ୍ତିଶାଳୀ ଦଳ ରୂପେ ବିବେଚିତ ହେଉଥିଲେ । ଯେତେବେଳେ କୌଣସି ବ୍ୟକ୍ତି ଆଁହଜ଼ରତ୍ ସ.ଅଙ୍କ ସଂପର୍କରେ ଏହା ମତ ବ୍ୟକ୍ତ କରୁଥିଲା ଯେ, ନାଉଜୁ ବିଲ୍ଲାଃ ଆପଣ ପାଗଳ ହୋଇଯାଇଛନ୍ତି । ସେତେବେଳେ ସେହି ବ୍ୟକ୍ତିମାନଙ୍କର ଅନ୍ୟ ସାଥୀମାନେ ସେମାନଙ୍କୁ ପଚାରନ୍ତି ଯେ, ଯଦି ନାଉଜୁ ବିଲ୍ଲାଃ ହୁଜୁର୍ ସ.ଅ ପାଗଳ ତେବେ ଅମୁକ ବ୍ୟକ୍ତି ଯିଏକି ବୁଦ୍ଧିମାନ, ମନିଷୀ ଓ ଚତୁର ଅଟନ୍ତି ସେମାନେ କାହିଁକି ଆଁହଜ଼ରତ୍ ସ.ଅଙ୍କୁ ସ୍ୱୀକାର କଲେ । ଏହା ସେମାନଙ୍କ ପାଇଁ ଏମିତି ଏକ ଉତ୍ତର ଥିଲା, ଯାହାର ଉତ୍ତର ଦେବା ପାଇଁ କୌଣସି ବ୍ୟକ୍ତି ସାହାସ କରନ୍ତି ନାହିଁ।

ୟୁରୋପୀୟ ଲେଖକମାନେ ତଥା ସମାଲୋଚକମାନେ ନବୀ କରୀମ୍ ସ.ଅଙ୍କ ବିରୁଦ୍ଧରେ ଅନେକ କଥା କହନ୍ତି । କିନ୍ତୁ ଯେଉଁଠି ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ନାମୋଲ୍ଲେଖ ହୁଏ ସେଠାରେ ସେହି ଆପତ୍ତିକାରୀମାନେ ତାଙ୍କ ସଂପର୍କରେ ଏହା ମତ ବ୍ୟକ୍ତ କରନ୍ତି ଯେ, ଅବୁ ବକ୍କର୍ ଅତ୍ୟନ୍ତ ଉତ୍ତମ ବ୍ୟକ୍ତି ଅଟନ୍ତି । ସୁତରାଂ ସେହି ଆପତ୍ତିକାରୀ, ସମାଲୋଚକ ଏବଂ ଲେଖକମାନଙ୍କୁ ଏହି କଥାଟି ମନେରଖିବା ଉଚିତ୍ ଯେ, ଯେଉଁ ନବୀକୁ ହଜ଼ରତ୍ ଅବୁ ବକ୍କର୍ ର.ଅ ସ୍ୱୀକାର କରି ନେଇଛନ୍ତି ତେବେ ସେହି ବ୍ୟକ୍ତି ଅର୍ଥାତ୍ ଆଁହଜ଼ରତ୍ ସ.ଅ ମଧ୍ୟ ନିଃସନ୍ଦେହ ରୂପେ ଜଣେ ପ୍ରଶଂସନୀୟ ବ୍ୟକ୍ତି ଅଟନ୍ତି । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ମସିହ୍ ମଉଦ୍ ଅ.ସ କ୍ଷେତ୍ରରେ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ହଜ଼ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ହଜ଼ରତ୍ ଅଲହାଜ୍ ମୌଲାନା ହକୀମ୍ ନୁରୁଦ୍ଦୀନ୍ ଭୈରାହ୍ ସାହେବ୍ ର.ଅ ବିଶ୍ୱାସ ସ୍ଥାପନ କରିଥିଲେ । ଏହାପରେ ଶିକ୍ଷିତ ବର୍ଗଙ୍କର ଏକ ବୃହତ୍ ଗୋଷ୍ଠୀ ମଧ୍ୟ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ପ୍ରତି ଆନୁଗତ୍ୟ ସ୍ୱୀକାର କରିଥିଲେ । ସୁତରାଂ ଅଲ୍ଲାଃତାଲା ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ଏପରି ଉତ୍ସର୍ଗିକୃତ ସାଥୀ ଉପଲବ୍ଧ କରିଦେଇଥିଲେ । ଯାହାର ସଂସାରବାସୀ ପ୍ରଶଂସା କରୁଥିଲେ ।

ଅନ୍ୟ ଏକ ସ୍ଥଳରେ ମକ୍କାର ଅବିଶ୍ୱାସକାରୀମାନଙ୍କର ଉତ୍କଣ୍ଠାପୂର୍ଣ୍ଣ ଲାଳସା ଏବଂ ଇର୍ଷାର ଆଲୋଚନା କରି ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲା ସେହି ଅବିଶ୍ୱାସକାରୀମାନଙ୍କ ପାଇଁ ଏଭଳି ମାଧ୍ୟମ, ସାଧନ ଏବଂ ଏପରି ପରିସ୍ଥିତି ସୃଷ୍ଟି କଲେ ଯେ, ଅବିଶ୍ୱାସକାରୀମାନଙ୍କର ହୃଦୟ ସର୍ବଦା ଭସ୍ମୀଭୂତ ହେଉଥିଲା । ଏପରି କୌଣସି ବଂଶ ନଥିଲା ଯାହାର ସଦସ୍ୟମାନେ ରସୁଲ୍ କରୀମ୍ ସ.ଅଙ୍କର ଦାସତ୍ୱ ଅଧୀନରେ ଆସିବାକୁ ଚାହୁଁ ନଥିଲା । ସେହିପରି ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ମଧ୍ୟ ମକ୍କାର ଅତ୍ୟୁଚ୍ଚ ଏବଂ ସୁପ୍ରତିଷ୍ଠିତ ବଂଶର ଥିଲେ । ଅତଃ ହଜାରରୁ ଉର୍ଦ୍ଧ୍ୱ ଏପରି ଲୋକମାନେ ରହିଥିଲେ ଯେଉଁମାନେ ଇସଲାମ୍ ଧର୍ମର ଘୋର ଶତ୍ରୁ ଥିଲେ କିନ୍ତୁ ସେମାନଙ୍କର ସନ୍ତାନସନ୍ତତିମାନେ ନିଜକୁ ହୁଜୁର୍ ସ.ଅଙ୍କର ପାଦ ତଳେ ଅଜାଡ଼ି ଦେଇଥିଲେ ଏବଂ ଯୁଦ୍ଧଭୂମିରେ ନିଜର ପିତା ଏବଂ ପରିଜନ ସଂପର୍କୀୟଙ୍କ ବିରୁଦ୍ଧରେ ଖଡ଼୍ଗ ଉତ୍ତୋଳନ ବା ଚାଳନା କରିଥିଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଇବ୍ନେ ଇସହାକ୍‌ଙ୍କ ନିକଟରେ ହଜ଼ରତ୍ ଉସମାନ୍ ର.ଅ ତେର ଜଣ ବ୍ୟକ୍ତିଙ୍କ ପରେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ଓ ତାଙ୍କର ପୁତ୍ର ମୁସଲମାନମାନଙ୍କର ଏକ ଦଳ ସହିତ ପ୍ରଥମେ ହବଶା ଅଭିମୁଖେ ପ୍ରବାସ କରିଥିଲେ । ହବଶାରେ ଥିବା ସମୟରେ ହିଁ ତାଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, (ମକ୍କାବାସୀ) କୁରୈଶମାନେ ଇମାନ୍ ନେଇ ଆସିଛନ୍ତି । ସେତେବେଳେ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ମକ୍କା ଫେରି ଆସିଥିଲେ । କିନ୍ତୁ ମକ୍କା ଠାରେ ପହଞ୍ଚି ସେ ଘଟଣାର ସତ୍ୟାସତ୍ୟ ସଂପର୍କରେ ଅବଗତ ହୋଇଥିଲେ ଏବଂ ସେ ଜାଣି ପାରିଥିଲେ ଯେ, ଉକ୍ତ ଖବରଟି ମିଥ୍ୟା ଉପରେ ଆଧାରିତ । ଏହା ଦେଖି କେତେକ ଲୋକମାନେ ପୁନର୍ବାର ହବଶା ଫେରି ଯାଇଥିଲେ ଏବଂ ଅନ୍ୟ କେତେକ ଲୋକମାନେ ମକ୍କାର ସୁପ୍ରତିଷ୍ଠିତ ବ୍ୟକ୍ତିଙ୍କ ଠାରୁ ସୁରକ୍ଷାର ପ୍ରତିଶୃତି ନେଇ ମକ୍କାରେ ପ୍ରବେଶ କରିଥିଲେ । ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ୱଲିଦ୍ ବିନ୍ ମୁଗିରାଙ୍କ ସୁରକ୍ଷାର ଛତ୍ରଛାୟା ତଳେ ଆସିଥିଲେ । ମକ୍କା ଯାଇ ସେ ଏହା ଜାଣିବାକୁ ପାଇଥିଲେ ଆଁହଜ଼ରତ୍ ସ.ଅ ଓ ତାଙ୍କର ସାହାବାମାନଙ୍କୁ ନାନାପ୍ରକାରର ନିର୍ଯାତନା, ଅତ୍ୟାଚାର ଓ ଦୁଃଖ କଷ୍ଟର ଶିକାର ହେବାକୁ ପଡୁଛି । ଏହା ଦେଖି ସେ ୱଲିଦଙ୍କୁ କହିଲେ ଯେ, ସେ ନିଜର ସୁରକ୍ଷା ପ୍ରତିଶୃତିକୁ ଫେରାଇ ନିଅନ୍ତୁ । ମୋ ପାଇଁ ଅଲ୍ଲାଃତାଲାଙ୍କର ସୁରକ୍ଷା ବଳୟ ଯଥେଷ୍ଟ ଅଟେ । ୱଲିଦ୍ କହିଲେ ଯେ, ହେ ମୋର ପୁତୁରା ତୁମକୁ ମୋର ସୁରକ୍ଷାରୁ କୌଣସି ପୀଡ଼ା ପହଞ୍ଚିଛି କି ? ଅଥବା ତୁମକୁ ତିରସ୍କୃତ ହେବାକୁ ପଡ଼ିଛି କି ? ହଜ଼ରତ୍ ଉସମାନ୍ ର.ଅ କହିଲେ ନାହିଁ । କିନ୍ତୁ ମୋ ପାଇଁ ଅଲ୍ଲାଃତାଲାଙ୍କର ସୁରକ୍ଷା ବଳୟ ଯଥେଷ୍ଟ । ପ୍ରତ୍ୟୁତ୍ତରରେ ୱଲିଦ୍ କହିଲେ ତୁମେ ଖାନା କାଆବାରେ ସର୍ବସମ୍ମୁଖରେ ଏହା ଘୋଷଣା କରି କୁହ ଯେ, ତୁମେ ମୋର ସୁରକ୍ଷାକୁ ଫେରାଉଅଛ । ସୁତରାଂ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ଖାନା କାଆବା ଯାଇ ସର୍ବସମ୍ମୁଖରେ ଉକ୍ତ କଥାର ଘୋଷଣା କଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ମୁଁ ଏଠାରେ ହବଶା ପ୍ରବାସ ସଂପର୍କରେ ସଂକ୍ଷିପ୍ତ ଆଲୋଚନା କରିଦେବାକୁ ଚାହେଁ ଯେ, ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେତେବେଳେ ମୁସଲମାନମାନଙ୍କ ଉପରେ ଅନ୍ୟାୟ ଓ ଅତ୍ୟାଚାରର ସୀମା ଲଂଘନ ହୋଇଥିଲା ଏବଂ କୁରୈଶମାନେ ନିଜର ନିର୍ଯାତନାରେ ସୀମା ଉଲଂଘନ କରିଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ ମୁସଲମାନମାନଙ୍କୁ କହିଲେ ଯେ, ସେମାନେ ହବଶା ଆଡ଼କୁ ପ୍ରବାସ କରି ଯାଆନ୍ତୁ । କାରଣ ହବଶାର ରାଜା ନ୍ୟାୟୀ ଓ ନ୍ୟାୟପ୍ରିୟ ବ୍ୟକ୍ତି ଅଟେ । ସୁତରାଂ ରଜବ୍ ମାସ ୫ ନବୱୀରେ ୧୧ ଜଣ ପୁରୁଷ ଏବଂ ୪ ଜଣ ମହିଳାଙ୍କ ସମେତ ମୁସଲମାନମାନେ ହବଶା ଅଭିମୁଖେ ପ୍ରବାସ କରିଥିଲେ । ଏହା ଅତ୍ୟନ୍ତ ବିଚିତ୍ର କଥା ଯେ, ସେହି ପ୍ରାରମ୍ଭିକ ପ୍ରବାସକାରୀଙ୍କ ମଧ୍ୟରେ ସଂଖ୍ୟାଗରିଷ୍ଠତା ଏପରି ଲୋକମାନଙ୍କର ଥିଲା ଯେଉଁମାନେ କୁରୈଶର ପ୍ରତିଷ୍ଠିତ ସଂପ୍ରଦାୟର ବ୍ୟକ୍ତି ଥିଲେ । ଉପରୋକ୍ତ କଥାରୁ ଦୁଇଟି କଥା ଅନୁମିତ ହୁଏ ଯେ, **ପ୍ରଥମତଃ** ଏହି ଶକ୍ତିଶାଳୀ ସଂପ୍ରଦାୟଭୁକ୍ତ ଥିବା ବ୍ୟକ୍ତିମାନେ ମଧ୍ୟ କୁରୈଶମାନଙ୍କର ନିର୍ଯାତନାରୁ ସୁରକ୍ଷିତ ନଥିଲେ । **ଦ୍ୱତୀୟତଃ** ଦୁର୍ବଳ ଶ୍ରେଣୀୟ ଲୋକମାନେ ଉଦାହରଣ ସ୍ୱରୂପ ଦାସ, ଭୃତ୍ୟ ଶ୍ରେଣୀୟ ବ୍ୟକ୍ତିମାନେ ସେତେବେଳେ ଏଭଳି ଦୁର୍ବଳ ଏବଂ ଅସହାୟ ଥିଲେ ଯେ, ସେମାନଙ୍କ ନିକଟରେ ପ୍ରବାସ କରିବା ପାଇଁ ସାଧାନ ଏବଂ ସାମର୍ଥ୍ୟ  ମଧ୍ୟ ନଥିଲା ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଉକ୍ତ ଘଟଣକୁ ନିଜସ୍ୱ ଶୈଳୀରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, ସେହି ଅସହାୟ ଲୋକମାନଙ୍କର ମକ୍କାରୁ ବହିର୍ଗମନମୂଳକ ପ୍ରବାସ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ଥିଲା । ସେମାନଙ୍କ ମନରେ ଯେଉଁ ଅବସ୍ଥା ଘେରିଥିଲା କି ତାହାକୁ ଦେଖୁଥିବା ଲୋକମାନେ ମଧ୍ୟ ମୁସଲମାନମାନଙ୍କର ନିର୍ଯାତନାରୁ ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ସୁତରାଂ ଯେଉଁ ସମୟରେ ଉକ୍ତ ଯାତ୍ରୀ ସମୂହ ପ୍ରବାସ ପାଇଁ ପ୍ରସ୍ତୁତ ହେଉଥିଲେ ହଜ଼ରତ୍ ଉମର୍ ର.ଅ ଯିଏକି ବର୍ତ୍ତମାନ ସୁଦ୍ଧା ଇସଲାମର ଘୋର ଶତ୍ରୁ ଥିଲେ, ଭାଗ୍ୟବଶତଃ ସେହି ଯାତ୍ରୀ ସମୂହର କେତେକ ଯାତ୍ରୀଙ୍କ ସହ ସାକ୍ଷାତ୍ କଲେ । ତନ୍ମଧ୍ୟରୁ ଉମ୍ମେ ଅବ୍ଦୁଲ୍ଲାଃ ନାମ୍ନୀ ଜଣେ ମହିଳା ସାହାବିୟା ରହିଥିଲେ । ଯେତେବେଳେ ହଜ଼ରତ୍ ଉମର୍ ର.ଅ ତାଙ୍କର ବନ୍ଧା ହୋଇଥିବା ଜିନିଷ ପତ୍ର ଏବଂ ପ୍ରସ୍ତୁତ ବାହନଗୁଡ଼ିକୁ ଦେଖିଲେ ସେତେବେଳେ ସେ ବୁଝିପାରିଲେ ଯେ, ଉକ୍ତ ଲୋକମାନେ ମକ୍କା ଛାଡ଼ି ଯାଉଛନ୍ତି । ସେ ଅର୍ଥାତ୍ ହଜ଼ରତ୍ ଉମର୍ ର.ଅ ଉମ୍ମେ ଅବ୍ଦୁଲ୍ଲାଙ୍କୁ କହିଲେ ଏହା ତ' ପ୍ରବାସର ପ୍ରସ୍ତୁତି ଜଣା ପଡୁଛି । ଉମ୍ମେ ଅବ୍ଦୁଲ୍ଲାଃ ଉତ୍ତର ଦେଲେ ଯେ, ହଁ ! ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯେ, ଆମେମାନେ ଅନ୍ୟ କୌଣସି ଦେଶକୁ ଚାଲିଯିବୁ କାରଣ ତୁମେମାନେ ଆମମାନଙ୍କୁ ଅନେକ ଦୁଃଖକଷ୍ଟ ଏବଂ ନିର୍ଯାତନା ଦେଇଛ ଏବଂ ଆମମାନଙ୍କ ଉପରେ ଅନେକ ଅତ୍ୟାଚର କରିଛ । ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଆମାମାନଙ୍କ ପାଇଁ କୌଣସି ସୁବିଧା ଏବଂ ସହଜାନୁପୋଯୋଗୀ ବାତାବରଣ ସୃଷ୍ଟି କରି ନାହାନ୍ତି ସେପର୍ଯ୍ୟନ୍ତ ଆମେମାନେ ଏଠାକୁ ଫେରିବୁ ନାହିଁ । ଉମ୍ମେ ଅବ୍ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ଉମର୍ ର.ଅ ଉତ୍ତର ଦେଲେ ଯେ, ଆଚ୍ଛା ! ଅଲ୍ଲାଃତାଲା ତୁମର ସହାୟକ ହୁଅନ୍ତୁ । ସୁତରାଂ ସେ ଶୀଘ୍ର ମୁହଁ ବୁଲାଇଲେ ଏବଂ ଚାଲିଗଲେ । ମୁଁ ଏହା ଅନୁମାନ କଲି ଯେ, ଉକ୍ତ ଘଟଣା ଯୋଗୁଁ ତାଙ୍କ ସ୍ୱଭାବ ଅତ୍ୟନ୍ତ ବିଦାରକପୂର୍ଣ୍ଣ ଏବଂ

ଦୁଃଖପୂର୍ଣ୍ଣ ହୋଇଯାଇଥିଲା। ଯେତେବେଳେ ମକ୍କାବାସୀଙ୍କୁ ଉକ୍ତ ଘଟଣା ସଂପର୍କରେ ଜଣା ପଡ଼ିଲା ସେତେବେଳେ ସେମାନେ ହବଶାର ରାଜା ନିକଟକୁ ଏକ ପ୍ରତିନିଧି ମଣ୍ଡଳ ପ୍ରେରଣ କରିଥିଲେ । ଯେଉଁମାନେ ଉକ୍ତ ରାଜାକୁ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରବର୍ତ୍ତାଉଥିଲେ ଯେ, ସେ ମୁସଲମାନମାନଙ୍କୁ ମକ୍କାବାସୀଙ୍କୁ ହସ୍ତାନ୍ତର କରିଦିଅନ୍ତୁ । ସୁତରାଂ ଉକ୍ତ ପ୍ରତିନିଧିମଣ୍ଡଳଟି ହବଶାକୁ ଯାଇ ରାଜାକୁ ସାକ୍ଷାତ୍ କରି ଓ ତାହାର ଅନ୍ୟ ଦରବାରୀ ସଦସ୍ୟମାନଙ୍କୁ ଖୁବ୍ ପ୍ରବର୍ତ୍ତାଇଥିଲା । କିନ୍ତୁ ଅଲ୍ଲାଃତାଲା ହବଶାର ରାଜାର ହୃଦୟକୁ ଦୃଢୀଭୂତ କରି ଦେଇଥିଲେ । ସେହି ରାଜା ସେହି ଅବିଶ୍ୱାସକାରୀ ଓ ଦରବାରୀଙ୍କର ସତାନୁଗ୍ରହ ଓ ଅନୁରୋଧ ସତ୍ତ୍ୱେ ମୁସଲମାନମାନଙ୍କୁ ଅବିଶ୍ୱାସକାରୀଙ୍କୁ ହସ୍ତାନ୍ତର କଲେ ନାହିଁ ଓ ସେମାନଙ୍କୁ ମନା କରିଦେଲେ । ଯେତେବେଳେ ଉକ୍ତ ପ୍ରତିନିଧିମଣ୍ଡଳ ଉକ୍ତ କାର୍ଯ୍ୟରେ ବିଫଳ ହେଲେ ସେତେବେଳେ ସେମାନେ ମୁସଲମାନମାନଙ୍କୁ ମକ୍କାକୁ ଡ଼ାକିବା ପାଇଁ ଅନ୍ୟ ଏକ ଷଡ଼ଯନ୍ତ୍ର ପ୍ରସ୍ତୁତ କଲେ ଯେ, ଏହି କୁଯୋଜନା ସ୍ୱରୂପ ଅବିଶ୍ୱାସକାରୀମାନେ ହବଶା ଅଭିମୁଖେ ଯିବାକୁ ଥିବା ମୁସଲମାନମାନଙ୍କ ମଧ୍ୟରେ ଏହି ଖବରଟି ପ୍ରଚାର କଲେ ଯେ, ମକ୍କାର ସମସ୍ତ ଲୋକମାନେ ମୁସଲମାନ୍ ହୋଇଯାଇଛନ୍ତି । ସୁତାରାଂ ଯେତେବେଳେ ଏହି ସୂଚନାଟି ହବଶା ପହଞ୍ଚିଲା ସେତେବେଳେ ଅଧିକାଂଶ ମୁସଲମାନମାନେ ଖୁଶୀ ହୋଇ ମକ୍କା ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲେ । କିନ୍ତୁ ସେଠାରେ ପହଞ୍ଚି ସେମାନେ ଏହା ଅବଲୋକନ କଲେ ଓ ଏହା ଜାଣିବାକୁ ପାଇଲେ ଯେ, ଉକ୍ତ ସୂଚନାଟି ଚପଳତା ଯୋଗୁଁ ପ୍ରସିଦ୍ଧ ହୋଇଛି ଏବଂ ଏଥିରେ କୌଣସି ସତ୍ୟାସତ୍ୟ ବା ବାସ୍ତବତା ନାହିଁ । ଏହା ଦେଖି କେତେକ ମୁସଲମାନମାନେ ତ' ପୁନର୍ବାର ହବଶା ଚାଲିଗଲେ ଏବଂ ଆଉ କେତେକ ମକ୍କାରେ ରହିଗଲେ । ଏହି ରହିଯାଇଥିବା ମୁସଲମାନମାନଙ୍କ ମଧ୍ୟରେ ଉସମାନ୍ ବିନ୍ ମଜ଼ଉନ୍ ମଧ୍ୟ ଥିଲେ । ଯିଏକି ମକ୍କାର ଜଣେ ସୁପ୍ରତିଷ୍ଠିତ ଧନୀକ ଶ୍ରେଣୀୟ ବ୍ୟକ୍ତିଙ୍କର ପୁତ୍ର ଥିଲେ । ଏଥର କିନ୍ତୁ ତାଙ୍କ ପିତାଙ୍କ ସାଙ୍ଗ ୱଲିଦ୍ ବିନ୍ ମୁଗିରା ତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ ଓ ସେ ଶାନ୍ତିପୂର୍ଣ୍ଣ ଭାବେ ମକ୍କାରେ ଜୀବନ ଯାପନ କରିବାକୁ ଲାଗିଲେ । କିନ୍ତୁ ଉକ୍ତ ଅବଧିରେ ସେ ଏହା ଅବଲୋକନ କଲେ ଯେ, କେତେକ ମୁସଲମାନମାନଙ୍କୁ ଦୁଃଖ ଓ ନିର୍ଯାତନା ଦିଆଯାଉଛି । ସେମାନଙ୍କୁ କଠୋର ଶାସ୍ତି ଦିଆଯାଉଛି । ଉସମାନ୍ ବିନ୍ ମଜ଼ଉନ୍ ଜଣେ ସ୍ୱାଭିମାନୀ ଯୁବକ ଥିଲେ । ସେ ୱଲିଦଙ୍କ ନିକଟକୁ ଗଲେ ଏବଂ ତାଙ୍କୁ କହିଲେ ଯେ, ମୁଁ ଆପଣଙ୍କର ପ୍ରଦତ୍ତ ସୁରକ୍ଷାକୁ ଫେରାଉଅଛି । କାରଣ ମୁଁ ଏହା ଆଦୌ ଦେଖିପାରିବି ନାହିଁ ଯେ, ଅନ୍ୟ ମୁସଲମାନମାନେ ଦୁଃଖ ସହ୍ୟ କରିବେ ଅଥଚ ମୁଁ ସୁଖରେ ଜୀନବଯାପନ କରିବି । ନା ମୋ ଦ୍ୱାରା ଏପରି ହୋଇପାରିବ । ସୁତରାଂ ୱଲିଦ୍ ଘୋଷଣା କଲେ ଯେ, ଉସମାନ୍ ବର୍ତ୍ତମାନ ମୋର ସୁରକ୍ଷା ବଳୟରେ ନାହାନ୍ତି ।

ୱଲିଦ୍ ନାମୀ ଆରବର ଜଣେ ବିଖ୍ୟାତ କବି ଥିଲା । ଦିନ ସେ ମକ୍କାର ଗଣମାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଗହଣରେ ବସି କବିତା ଶୁଣାଉଥିଲା । ସେ ଏକ ପଂକ୍ତି ପଢିଲା– ***ଅ କୁଲ୍ଲୁ ନଇମିନ୍ ଲା ମୁହାଲତୁନ ଜ଼ାଇଲୁନ୍*** । ଅର୍ଥାତ୍ ପ୍ରତ୍ୟେକ ନେମତର ପରିସମାପ୍ତି ଘଟିବ । ଉସମାନ୍ ବିନ୍ ମଜ଼ଉନ୍ ର.ଅ କହିଲେ ଏହା ମିଥ୍ୟା ଅଟେ । ସ୍ୱର୍ଗର ନେମତ୍ କେବେହେଲେ ପରିସମାପ୍ତି ଘଟିବ ନାହିଁ । ତାହା ଚୀରଦିନ ପାଇଁ ରହିବ । ଲବିଦ୍ ଜଣେ ବହୁତ ବଡ଼ ବ୍ୟକ୍ତି ଥିଲା ଏହା ଶୁଣି ସେ ଆବେଗପୂର୍ଣ୍ଣ ହୋଇ କହିଲା ହେ କୁରୈଶର ଲୋକମାନେ ! ତୁମର ଅତିଥିମାନଙ୍କୁ ତ ପୂର୍ବେ ଏପରି ତିରସ୍କୃତ କରଯାଉ ନଥିଲା । ବର୍ତ୍ତମାନ ଏହି ନୂତନ ପ୍ରଥା କେବେଠାରୁ ଆରମ୍ଭ ହୋଇଛି । ପ୍ରତ୍ୟୁତ୍ତରରେ ଜଣେ ବ୍ୟକ୍ତି କହିଲା ଏ ବ୍ୟକ୍ତି ଜଣକ ମୂର୍ଖ ବ୍ୟକ୍ତି ଅଟେ । ତା କଥାକୁ ଖାତିର ବା ଧ୍ୟାନ ଦିଅନ୍ତୁ ନାହିଁ । ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ନିଜ କଥାରେ ପୁନଃ ଜିଦ୍ ଧରିଲେ ଏବଂ କହିଲେ ଯେ, ଏଥିରେ ମୂର୍ଖାମୀମୂଳକ କଥା କ'ଣ । ମୁଁ ଯେଉଁ କଥାଟି କହିଛି ତାହା ତ' ସତ୍ୟ ଅଟେ । ପ୍ରତ୍ୟୁତ୍ତରରେ ଜଣେ ବ୍ୟକ୍ତି ଉକ୍ତ ସଭାରୁ ଛିଡ଼ା ହୋଇ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ମୁହଁକୁ ମୁଷ୍ଟି ପ୍ରହାର କଲା ଯଦ୍ୱାରା ତାଙ୍କ ଏକ ପାର୍ଶ୍ୱର ଚକ୍ଷୁ ବାହାରି ପଡ଼ିଲା । ୱଲିଦ୍ ମଧ୍ୟ ସେତେବେଳେ ସେହି ସଭାରେ ଉପସ୍ଥିତ ଥିଲା । ଯିଏକି ତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲା । ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ପିତାଙ୍କ ସହିତ ୱଲିଦର ଘନିଷ୍ଠ ବନ୍ଧୁତା ଥିଲା । ନିଜର ସ୍ୱର୍ଗୀୟ ସାଙ୍ଗର ପୁତ୍ରକୁ ଏପରି ଅବସ୍ଥାକୁ ଦେଖି ସେ ସହି ପାରିଲେ ନାହିଁ । କିନ୍ତୁ ମକ୍କାବାସୀଙ୍କ ପ୍ରଥାନୁସାରେ ଯେତେବେଳେ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ତାଙ୍କ ସୁରକ୍ଷା ବଳୟରେ ନହାନ୍ତି ସେତେବେଳେ ୱଲିଦ୍ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଙ୍କୁ କିପରି ବା ସାହାଯ୍ୟ କରିପାରି ଥାଆନ୍ତେ । ସେଇଥିପାଇଁ ୱଲିଦ୍ ନିଜକୁ ସମ୍ବୋଧିତ କରି କହିଲା ଉକ୍ତ କାରଣ ଯୋଗୁଁ ମୁଁ ଉସମାନ୍ ବିନ୍ ମଜ଼ଉନର ସାହାଯ୍ୟ କରିପାରିଲି ନାହିଁ । ସେ ଅତ୍ୟନ୍ତ ଦୁଃଖର ସହିତ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କୁ ସମ୍ବୋଧିତ କରି କହିଲା ଯେ, ମୋ ଭାଇର ପୁତ୍ର ! ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯଦି ତୁମେ ମୋର ଏହି ଶକ୍ତିଶାଳୀ ସୁରକ୍ଷା ବଳୟରେ ରହି ଥାଆନ୍ତ । ତାହାହେଲେ ଉକ୍ତ ଘଟଣାରୁ ତୁମର ଚକ୍ଷୁ ବର୍ତ୍ତି ଯାଇପାରି ଥାଆନ୍ତା। କିନ୍ତୁ ତୁମେ ସ୍ୱୟଂ ମୋର ଏହି ସୁରକ୍ଷା ବଳୟକୁ ତ୍ୟାଗ କରିବା

ଫଳରେ ଏଭଳି ଘଟଣାର ଶିକାର ହେଲ । ଉସମାନ୍ ର.ଅ ଉତ୍ତର ଦେଲେ ମୋ ସହିତ ଯାହାକିଛି ବି ହୋଇଛି ମୁଁ ସ୍ୱୟଂ ତାହାର ଅଭିଳାଷୀ ଥିଲି । ତୁମେ ମୋର ଅନ୍ଧ ହୋଇଯାଇଥିବା ଚକ୍ଷୁ ପାଇଁ ଅନୁତାପ କରୁଛ ! ଅଥଚ ଅନ୍ୟପଟରେ ମୋର ସୁସ୍ଥ ଥିବା ଚକ୍ଷୁଟି ଉକ୍ତ କଥା ପାଇଁ ବ୍ୟାକୁଳିତ ଥିଲା । ମୋର ଭଗିନୀ (ଭଉଣୀ) ପ୍ରତି ଯେଉଁ ବ୍ୟବହାର ପ୍ରଦର୍ଶନ ହୋଇଛି ତାହା ମୋ ସହିତ କାହିଁକି ହେଲା ନାହିଁ । ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ଉତ୍ତର ଦେଲେ ଯେ, ମୋ ପାଇଁ ହଜ଼ରତ୍ ମହମ୍ମଦ୍ ସ.ଅଙ୍କର ଆଦର୍ଶ ଯଥେଷ୍ଟ । ଯଦି ସେ ଦୁଃଖ କଷ୍ଟ ସହ୍ୟ କରୁଛନ୍ତି ତେବେ ମୁଁ କାହିଁକି ଦୁଃଖ କଷ୍ଟ ସହ୍ୟ ନକରିବି ? ଅତଃ ମୋ ପାଇଁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଯଥେଷ୍ଟ ଅଟେ ।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କର ଏପରି ଉତ୍ତର ଦେବା ଏଥି ଯୋଗୁଁ ଥିଲାକି ସେ କୁରଆନର ବାଣୀ ଶୁଣିଥିଲେ, ଇସଲାମୀୟ ଶିକ୍ଷା ସହିତ ଭଲଭାବେ ଅବହିତ ବା ପରିଚିତ ଥିଲେ, ସ୍ୱୟଂ କୁରଆନ୍ କରୀମ୍ ପଢିଥିଲେ । ବର୍ତ୍ତମାନ ତାଙ୍କ ନିକଟରେ କବିତାର କୌଣସି ବାସ୍ତବତା ନଥିଲା । ବରଂ ସେସବୁ ନିରର୍ଥକ ଥିଲା । ସେ ମୁସଲମାନ ହେବା ଫଳରେ ଉପରୋକ୍ତ ପନ୍ଥାଗୁଡ଼ିକ ଅନୁସରଣ କରିଥିଲେ । ସୁତରାଂ ଏକଦା ହଜ଼ରତ୍ ଉମର୍ ର.ଅ ନିଜର ଜଣେ ଗଭର୍ଣ୍ଣରଙ୍କୁ ପ୍ରେରଣ କରି କହିଲେ ଯେ, ମୋ ନିକଟକୁ କେତେକ ପ୍ରସିଦ୍ଧ କବିମାନଙ୍କର ନୂତନ କବିତା ପଠାଅ । ଅତଃ ଯେତେବେଳେ ଲବିଦ୍ ନିକଟରେ ଉମର୍ ର.ଅଙ୍କ ଉକ୍ତ ଅଭିଳାଷା ପ୍ରକାଶ କରାଗଲା ସେତେବେଳେ ସେ କୁରଆନ୍ କରୀମର କେତେକ ଆୟତ୍ ଲେଖି ଉମର୍ ର.ଅଙ୍କ ନିକଟକୁ ପ୍ରେରଣ କଲା । ଆଁହଜ଼ରତ୍ ସ.ଅଙ୍କର ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ସହିତ ଯେଉଁ ଭାବପୂର୍ଣ୍ଣ ପ୍ରେମ ସଂପର୍କ ଥିଲା । ଏହାର ଆବେଗମୟ ପ୍ରକାଶ ଉକ୍ତ ଘଟଣାରୁ ମଧ୍ୟ ଅନୁମିତ ହୋଇଥାଏ । ରିୱାୟତରେ ଏପରି ବର୍ଣ୍ଣିତ ହୋଇଛି ଯେ, ତାଙ୍କର ଦେହାନ୍ତ ପରେ ରସୁଲ୍ କରୀମ୍ ସ.ଅ ତାଙ୍କୁ ଚୁମ୍ବନ କରିଥିଲେ ଏବଂ ସେତେବେଳେ ଆଁହଜ଼ରତ୍ ସ.ଅଙ୍କ ଚକ୍ଷୁରୁ ଲୁହର ନଦୀ ଝରି ଯାଇଥିଲା । ସେହିପରି ଯେତେବେଳେ ଆଁହଜ଼ରତ୍ ସ.ଅଙ୍କର ଏକମାତ୍ର ପୁତ୍ର ଇବ୍ରାହିମଙ୍କର ଅକାଳ ବିୟୋଗ ଘଟିଥିଲା ସେ ପରିପ୍ରେକ୍ଷୀରେ ହୁଜୁର୍ ସ.ଅ କହିଲେ ଯେ, ***ଅଲହକ୍କୁ ବସଲଫିନା ଅସ୍ ସାଲହୁ ଉସମାନୁ ଇବ୍ନ ମଜ଼ଉନ*** । ଅର୍ଥାତ୍ ଆମ୍ଭର ସଦାଚାରୀ ଓ ପ୍ରିୟ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ଗହଣକୁ ତୁମେ (ଫେରି) ଯାଅ ।

ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ମଦିନା ପ୍ରବାସ କରିବାର ଘଟଣା ଏପରି ଭାବେ ବର୍ଣ୍ଣିତ ହୋଇଛି । ମହମ୍ମଦ୍ ବିନ୍ ୱାକ଼ଦି ବର୍ଣ୍ଣନା କରନ୍ତି ଯେ, ମଜ଼ଉନ୍ ର.ଅଙ୍କର ପରିବାର ବର୍ଗୀୟ ସେହି ଲୋମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯେଉଁମାନଙ୍କର ପୁରୁଷ ଏବଂ ମହିଳାମାନେ ସମସ୍ତେ ଏକତ୍ର ହୋଇ ପ୍ରବାସ କରିବା ପାଇଁ ବାହାରିଥିଲେ । ତାଙ୍କର ପରିବାର ବର୍ଗୀୟଙ୍କ ମଧ୍ୟରୁ କେହି ବି ମକ୍କାରେ ରହି ନଥିଲେ । ହଜ଼ରତ୍ ଉମ୍ମେ ଅଲା ର.ଅ ବର୍ଣ୍ଣାନା କରନ୍ତି ଯେ, ଯେତେବେଳେ ରସୁଲ୍ କରୀମ୍ ସ.ଅ ଏବଂ ପ୍ରବାସକାରୀମାନଙ୍କର ମଦିନାକୁ ଆଗମନ ହୋଇଥିଲା ସେତେବେଳେ ଅନସାରମାନଙ୍କର ଏହା ଅଭିଳାଷା ରହିଥିଲା ଯେ, ପ୍ରବାସକାରୀମାନେ ସେମାନଙ୍କ ଘରେ ରୁହନ୍ତୁ । ସୁତରାଂ ସେହି ପ୍ରବାସକାରୀଙ୍କ ପାଇଁ ଗୁଳା ପଡ଼ିଥିଲା ଯେ, କିଏ କାହା ଘରେ ରହିବେ । ସୁତରାଂ ମହମ୍ମଦ୍ ବିନ୍ ୱାକ଼ଦି କହନ୍ତି ଯେ, ଗୁଳାରେ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅ ଆମ ଭାଗରେ ପଡ଼ିଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ଏବଂ ହଜ଼ରତ୍ ଅବୁ ହେଁସମ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ବଦର୍ ଯୁଦ୍ଧରେ ଶାମିଲ ହୋଇଥିଲେ । ସେ ସମସ୍ତ ଲୋକମାନଙ୍କ ମଧ୍ୟରୁ ଅତ୍ୟନ୍ତ ଉତ୍ସାହର ସହିତ ଇସଲାମୀୟ ଉପାସନା କର୍ମକାଣ୍ଡ ବା ବିଧିର ଅନୁକରଣକାରୀ ଥିଲେ । ଦିନବେଳା ସେ ଓଷା ରଖୁଥିଲେ ଏବଂ ରାତ୍ରବେଳା ଉପାସନା କରୁଥିଲେ । ସେ ଯୌନ ସମ୍ବନ୍ଧୀୟ କାମନା, ବାସନା ଠାରୁ ଏବଂ ମହିଳାମାନଙ୍କ ଠାରୁ ସର୍ବଦା ଦୂରେଇ ରହିବା ପାଇଁ ପ୍ରୟାସ କରୁଥିଲେ । ସେ ରସୁଲ୍ କରୀମ୍ ସ.ଅଙ୍କ ଠାରୁ ସନ୍ନ୍ୟାସୀ ବ୍ରତୋପନୟନ ପାଳନ କରିବା ପାଇଁ ଅନୁମତି ଚାହିଁଥିଲେ । କିନ୍ତୁ ହୁଜୁର୍ ସ.ଅ ତାଙ୍କୁ ଏପରି କରିବାରୁ ନିବୃତ୍ତ ରଖିଥିଲେ ।

ସେହିପରି ରିୱାୟତରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଦିନେ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ସ୍ତ୍ରୀ ଆଁହଜ଼ରତ୍ ସ.ଅଙ୍କର ସ୍ତ୍ରୀମାନଙ୍କ ନିକଟକୁ ଆସିଲେ । ଆଁହଜ଼ରତ୍ ସ.ଅଙ୍କର ସହ ଧର୍ମିଣୀ ତାଙ୍କୁ ଏପରି ଛିନ୍ନଭିନ୍ନ ଅବସ୍ଥାରେ ଦେଖି କହିଲେ, ତୁମର କେଶ ଏବଂ ବସ୍ତ୍ର ଅତ୍ୟନ୍ତ ମଳିନ ହୋଇଯାଇଛି । ତୁମେ ନିଜର ଏ କ'ଣ ଅବସ୍ଥା କରିଛ ? ତୁମେ ନିଜକୁ ସଜାଇ ଓ ସୁନ୍ଦର ତଥା ଶିଙ୍ଗାର କରି ରଖୁନ କାହିଁକି ? ତୁମର ସ୍ୱାମୀଙ୍କଠୁ ବଳି କୁରୈଶମାନଙ୍କ ମଧ୍ୟରୁ ଆଉ କେହି ଧନୀକ ବ୍ୟକ୍ତି ନାହାନ୍ତି । ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କ ସ୍ତ୍ରୀ କହିଲେ ଯେ, ଆମମାନଙ୍କ ପାଇଁ ତାଙ୍କ ନିକଟରେ ତିଳେମାତ୍ର ମହତ୍ତ୍ୱ ରହି ନାହିଁ । ଅର୍ଥାତ୍ ଆମ ପ୍ରତି ସେ ଧ୍ୟାନ ଦେଉ ନାହାନ୍ତି । ତାଙ୍କର ଉତ୍ସାହ ଆମମାନଙ୍କ ପ୍ରତି କିଛି ବି ନୁହେଁ । ସେ ଅଲ୍ଲାଃତାଲାଙ୍କ ଉପାସନାରେ ଅହରହ ଲାଗି ରହନ୍ତି ଏବଂ ଆମ ଆଡ଼କୁ ମୋଟେ ଧ୍ୟାନ ଦେଉ ନାହାନ୍ତି । କାରଣ ସେ ଦିନବେଳା ଓଷା ରଖନ୍ତି । ସୁତରାଂ ଯେତେବେଳେ ନବୀ କରୀମ୍ ସ.ଅ ନିଜ ସ୍ତ୍ରୀଙ୍କ

ଗହଣକୁ ଆସିଲେ ସେତେବେଳେ ତାଙ୍କର ସ୍ୱାମୀମାନେ ତାଙ୍କୁ ଉକ୍ତ ଘଟଣା ସଂପର୍କରେ ଅବଗତ କରାଇଲେ । ତେଣୁ ଆଁହଜ଼ରତ୍ ସ.ଅ ଉକ୍ତ କଥାକୁ ଶୁଣି ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ ର.ଅଙ୍କୁ କହିଲେ ଯେ, ଉସମାନ୍ ମୋର ଅସ୍ତିତ୍ୱରେ ତୁମ ପାଇଁ କ'ଣ କୌଣସି ଆଦର୍ଶ ରହି ନାହିଁ ? ହଜ଼ରତ୍ ଉସମାନ୍ ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ମୁଁ ସର୍ବଦା ଏହା ପ୍ରୟାସ କରେ ଯେ, ମୁଁ ସଂପୂର୍ଣ୍ଣ ରୂପେ ଆପଣଙ୍କର ପଦାଙ୍କ ଅନୁସରଣ କରିବି । ହୁଜୁର୍ ସ.ଅ କହିଲେ ମୁଁ ଶୁଣିଲି ତୁମେ ଦିନ ସାରା ଓଷା ରଖୁଛ ଏବଂ ଅହୋରାତ୍ର ଅଲ୍ଲାଃତାଲାଙ୍କ ଉପସାନା କରୁଛ । ସେ ଉତ୍ତର ଦେଲେ ଯେ, ଆଜ୍ଞା ହଁ । ମୁଁ ଏହିପରି ହିଁ କରିଥାଏ । ପ୍ରତ୍ୟୁତ୍ତରରେ ଆଁହଜ଼ରତ୍ ସ.ଅ କହିଲେ ଯେ, ତୁମେ ନିଜର ସ୍ତ୍ରୀ ଓ ପରିବାର ତଥା ନିଜର ଶରୀର ପ୍ରତି ଏଭଳି ଅନ୍ୟାୟ କର ନାହିଁ । କାରଣ ତୁମ ଚକ୍ଷୁର ତୁମ ଉପରେ ଅଧିକାର ରହିଛି, ତୁମ ଶରୀରର ତୁମ ଉପରେ ଅଧିକାର ରହିଛି, ତୁମ ପରିବାରର ତୁମ ଉପରେ ଅଧିକାର ରହିଛି । ତୁମର ସ୍ତ୍ରୀ ଓ ସନ୍ତାନମାନଙ୍କର ମଧ୍ୟ ତୁମ ଉପରେ ଅଧିକାର ରହିଛି । ତୁମେ ନମାଜ଼୍ ପଢ ହେଲେ ଅନ୍ତତଃ କିଛି କ୍ଷଣ ବିଶ୍ରାମ ମଧ୍ୟ କର । ନଫିଲ୍ ନମାଜ଼ ଓ ନିଦ୍ରାରୁ ଜାଗ୍ରତ ହୁଅ କିଛି ଅସୁବିଧା ନାହିଁ  କିନ୍ତୁ ରାତିରେ ଶୋଇବା ମଧ୍ୟ ଉଚିତ୍ । ଓଷା ରଖ ଏବଂ ମଝିରେ ମଝିରେ ସେଥିରୁ ନିବୃତ୍ତ ରୁହ । ସେହିପିର ନଫଲି ଓଷା ରଖ କିଛି କ୍ଷତି ନାହିଁ କିନ୍ତୁ କିଛି ଦିନ ଛାଡ଼ି ନଫଲି ଓଷା ରଖିବା ଉଚିତ୍ । କିଛିଦିନ ପରେ ଯେତେବେଳେ ତାଙ୍କର ସ୍ତ୍ରୀ ଆଁହଜ଼ରତ୍ ସ.ଅଙ୍କର ପତ୍ନୀଙ୍କ ନିକଟକୁ ପୁଣିଥରେ ଆସିଲେ ସେତେବେଳେ ଉସମାନ୍ ବିନ୍ ମଜ଼ଉନ୍ ର.ଅଙ୍କର ସ୍ତ୍ରୀ ଦେହରେ ସୁଗନ୍ଧ ବୋଳି ହୋଇଥିଲେ । ସେ ଏପରି ଲାଗୁଥିଲେ ଯେପରି ସେ ନବ ବଧୂ ଅଟନ୍ତି । ସୁତରାଂ ଆଁହଜ଼ରତ୍ ସ.ଅଙ୍କର ସ୍ତ୍ରୀ ଉସମାନଙ୍କ ସ୍ତ୍ରୀଙ୍କୁ ପଚାରିଲେ ଯେ, କଥା କ'ଣ କି ଆଜି ତୁମେ ଭାରି ସୁନ୍ଦର ଏବଂ ସଜେଇ ହୋଇଛ ? ପ୍ରତ୍ୟୁତ୍ତରରେ ସେ କହିଲେ ଯେ, ମୋତେ ବି ସେହି ସୁଖ ପ୍ରାପ୍ତ ହୋଇଯାଇଛି ଯାହା ଲୋକମାନଙ୍କୁ ପ୍ରାପ୍ତ ହୋଇଥାଏ । ଅର୍ଥାତ୍ ମୋର ସ୍ୱାମୀ ମୋତେ ଧ୍ୟାନ ଦେଉଛନ୍ତି ।

ହଜ଼ରତ୍ ଆଏଶା ର.ଅ ଏ ସଂପର୍କରେ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଉସମାନ୍ ର.ଅଙ୍କୁ ଡ଼କାଇଲେ ଏବଂ କହିଲେ ଯେ, ମୁଁ ଶୁଣିଲି ତୁମେ ମୋର ଶୈଳୀକୁ ନାପସନ୍ଦ କରୁଛ । ସେ କହିଲେ ଯେ ହେ ରସୁଲୁଲ୍ଲାଃ ନା ! ମୁଁ ଆପଣଙ୍କର ପଥକୁ ସର୍ବଦା ଅନୁକରଣ କରି ଆସିଛି । ଆଁହଜ଼ରତ୍ ସ.ଅ କହିଲେ ଯେ, ମୁଁ ରାତିରେ ଶୁଏ, ନମାଜ଼୍ ମଧ୍ୟ ପଢେ, ଓଷା ମଧ୍ୟ ରଖେ, କେବେ ରଖେ ନାହିଁ, ନିକାହ୍ ମଧ୍ୟ କରିଥାଏ । ହେ ଉସମାନ୍ ? ତୁମେ ସର୍ବଶକ୍ତିମାନ ଅଲ୍ଲାଃତାଲାଙ୍କୁ ଭୟ କର ! ତୁମ ଉପରେ ତୁମ ସ୍ତ୍ରୀର ଅଧିକାର ରହିଛି, ତୁମର ଅତିଥିମାନଙ୍କର ଅଧିକାର ଏବଂ ତୁମ ଶରୀରର ମଧ୍ୟ ତୁମ ଉପରେ ଅଧିକାର ରହିଛି । ଅତଃ ତୁମେ କେବେ କେବେ ଓଷା ରଖ ଏବଂ କେବେ କେବେ ଓଷା ରଖ ନାହିଁ, ନମାଜ଼୍ ପଢ ଏଥିସହ ବିଶ୍ରାମ ମଧ୍ୟ କର ।

ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ଉସମାନ୍ ବିନ୍ ମଜ଼ଉନ୍ ମୁସଲମାନ ହେବା ପୂର୍ବରୁ ହିଁ ମଦ୍ୟପାନ ସେବନ ତ୍ୟାଗ କରି ଦେଇଥିଲେ ଏବଂ ଇସଲାମ ଧର୍ମରେ ମଧ୍ୟ ସେ ସଂସାର ପ୍ରତି ବିତୃଷ୍ଣା ଭାବ, ସନ୍ୟାସୀ ହେବାକୁ ଚାହୁଁଥିଲେ । କିନ୍ତୁ ଆଁହଜ଼ରତ୍ ସ.ଅ ତାଙ୍କୁ ଏପରି କରିବାକୁ ମନା କରିଥିଲେ ଏବଂ କହିଲେ ଯେ, ***ଇନ୍ନର୍ ରହବାନୟତା ଲମ୍ ତୁକତବ୍ ଅଲୈନା/ ଲ ରହବାନୟତା ଫିଲ୍ ଇସଲାମି*** ଅର୍ଥାତ୍ ଇସଲାମ୍ ଧର୍ମରେ ସନ୍ୟାସୀ ବ୍ରତ ପାଳନ କରିବା ନିଷିଦ୍ଧ ଅଟେ ।

ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ହିଁ ପ୍ରଥମ ପ୍ରବାସକାରୀ ବ୍ୟକ୍ତି ଥିଲେ ଯାହାଙ୍କର ବିୟୋଗ ମଦିନାରେ ହୋଇଥିଲା । ସେ ୨ ହିଜରୀରେ କୈବଲ୍ୟ ପ୍ରାପ୍ତ କରିଥିଲେ । କେତେକଙ୍କ ନିକଟରେ ସେ ବଦର୍ ଯୁଦ୍ଧର ୨୨ ମାସ ପରେ ମୃତ୍ୟୁବରଣ କରିଥିଲେ । ଜନ୍ନତୁଲ୍ ବକି ଠାରେ କବର ହୋଇଥିବା ପ୍ରଥମ ବ୍ୟକ୍ତି ରୂପେ ସେ ପରିଚିତ ଥିଲେ । ସେ ଯାହା ହେଉ ତାଙ୍କ ସଂକ୍ରାନ୍ତରେ ଆହୁରି ଅନେକ କଥା ମଧ୍ୟ ରହିଛି ଯାହାକୁ ମୁଁ ଇନ୍ ଶା ଅଲ୍ଲାଃ ଆଗାମୀ ଖୁତବାରେ ଆଲୋଚନା କରିବି ।

**KHULASA KHUTBA JUMA HUZOOR ANWAR a.b.a**

........................................................

**19th April 2019**

...........................